## ଜଙ୍ଗଲ ନିଆଁ ପାଇଁ ସଚେତନତା ଭିଡିଓ ଜାରି

**ନୟାଗଡ଼ ଅଫିସ:** ଜଙ୍ଗଲରେ ନିଆଁକୁ ନେଇ ଏକ ସଚେତନତା ଭିଡିଓ ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଛି । ନୟାଗଡ଼ ଜିଲାପାଳ ପୋମା ଟୁଡୁ, ଡିଏଫ୍ଓ ଧନରାଜ ଏଚ.ଡି, ମହାନଦୀ ବନ୍ୟପ୍ରାଣୀ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା ପ୍ରମୁଖ ଏଥିପାଇଁ ଉଦ୍ୟମ କରିଛନ୍ତି। ଗତ ୫ ମାସ ହେଲା ବର୍ଷା ହୋଇନାହିଁ। ଆସନ୍ତା ୧୫ ଦିନ ମଧ୍ୟରେ ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିବାର ସମ୍ଭାବନା ରହିଛି । ନିଆଁ ଲାଗିବା ଜାଣିଲେ ତୁରନ୍ତ ବନ ବିଭାଗର କର୍ମଚାରୀଙ୍କୁ ଖବର ଦେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି । ଏଥିସହିତ କଣ୍ଟ୍ରୋଲ ରୁମ୍ ନଂ. ୯୪୩୭୬୧୧୮୪୩୮କୁ ଜଣାଇବାକୁ କୁହାଯାଇଛି।

## ସଂକ୍ଷେପରେ

### ଅଭିଯୁକ୍ତଙ୍କ ବାପା, ମାମୁ କୋର୍ଟଚାଲାଣ

**ନାବାଳିକାଙ୍କୁ ଅପହରଣ, ବଳାତ୍କାର ଓ ହତ୍ୟା ଧମକ ମାମଲା**

**ରସୁଲପୁର,୯।୩(ଡି.ଏନ.ଏ.):** ଧର୍ମଶାଳା ଥାନା ତଥା ବ୍ରହ୍ମବରଦା ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଓ ହତ୍ୟା ଧମକ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ପୋଲିସ ସୋମବାର ଅଭିଯୁକ୍ତଙ୍କ ବାପା ଉଦୟ ରାଉତ ଓ ମାମୁ ଦୁର୍ଯ୍ୟୋଧନ ଜେନାଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଉଭୟ ନାବାଳିକାଙ୍କୁ ବିବାହ କରାଇବା ଓ ପରେ ସେମାନଙ୍କୁ ଆଶ୍ରୟ ଦେଇଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଉଭୟଙ୍କ ଘର ଯାଜପୁର ସଦର ଥାନା କାକୁଡ଼ିକୁଦ ଗାଁରେ। ନାବାଳିକାଙ୍କୁ ଉଦୟଙ୍କ ପୁଅ ଚନ୍ଦନ ୧୧ମାସ ତଳେ ଅପହରଣ କରି ସ୍ଥାନୀୟ ଏକ ଶିବ ମନ୍ଦିରରେ ବିବାହ କରିଥିଲେ। ପରେ ନାବାଳିକାଙ୍କୁ ବଳାତ୍କାର କରିବା ସହ ହତ୍ୟା ଧମକ ଦେଇଥିଲେ। ଫାଣ୍ଡିରେ ଫେବୃୟାରୀ ୨୫ରେ ଅଭିଯୋଗ ହୋଇଥିଲା। ଅଭିଯୋଗର ୧୧ ଦିନ ପରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ହେଲେ ଉକ୍ତ ଘଟଣାର ମୁଖ୍ୟ ଅଭିଯୁକ୍ତ ଚନ୍ଦନ ଏବେ ବି ଫେରାର ଅଛନ୍ତି। ସୋମବାର ପୋଲିସ ନାବାଳିକାଙ୍କ ବୟାନ ରେକର୍ଡ କରିଥିଲା। ମଙ୍ଗଳବାର କୋର୍ଟରେ ତାଙ୍କର ବୟାନ ରେକର୍ଡ ହେବାର ଥିଲା। କିନ୍ତୁ ତାହା ସମ୍ଭବପର ହୋଇପାରିନାହିଁ। ତାହା ବୁଧବାରକୁ ସ୍ଥଗିତ ରଖାଯାଇଛି। ଅନ୍ୟପକ୍ଷରେ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଜାଲ ବିଛାଇଥିବା ସୂଚନା ମିଳିଛି।

### ନୟାଗଡ଼ କଲେଜରେ ଶହୀଦ ଦିବସ

**ନୟାଗଡ଼ ଅଫିସ,୯।୩:** ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ଶହୀଦ ସ୍ମୃତିସ୍ତମ୍ଭ ନିକଟରେ ଓଷ୍ଟା ଆନୁକୂଲ୍ୟରେ ଶିକ୍ଷକ ଶହୀଦ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର, ଶିକ୍ଷକ ନେତା ନିରଞ୍ଜନ ମିଶ୍ର, ଅନାଦି ଚରଣ ମହାନ୍ତି, ଅଯୋଧ୍ୟା ଦାଶ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଏଥିରେ ଶିକ୍ଷକ ନେତା ଭକ୍ତ ରଞ୍ଜନ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ, ୧୯୭୮ ମାର୍ଚ୍ଚ ୯ ରେ ଭୁବନେଶ୍ୱରରେ ଅନୁଷ୍ଠିତ ଶିକ୍ଷକ ସମାବେଶରେ ଯୋଗ ଦେବାକୁ ଯାଉଥିବାବେଳେ ୬ଜଣ ଶିକ୍ଷକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

### ବ୍ଲକ କଂଗ୍ରେସ କମିଟି ସଭାପତିଙ୍କ ନାମ ଘୋଷଣା

**ନୟାଗଡ଼ ଅଫିସ,୯।୩:** ନୟାଗଡ଼ ଜିଲା ବ୍ଲକ କଂଗ୍ରେସ କମିଟି ସଭାପତିଙ୍କ ନାମ ଘୋଷଣା ହୋଇଛି । ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ନାମ ଘୋଷଣା ହୋଇଛି ବୋଲି ଜିଲା ସଭାପତି ରଣଜିତ୍ ଦାଶ କହିଛନ୍ତି। ନୟାଗଡ଼ ବ୍ଲକ୍ ପାଇଁ ଫକୀର ଚରଣ ମଲ୍ଲ, ଓଡ଼ଗାଁ ବ୍ଲକ ପୂର୍ଣ୍ଣଚନ୍ଦ୍ର ନାୟକ, ଖଣ୍ଡପଡ଼ା ବ୍ଲକ ଇଞ୍ଜିନିୟର ଦେବବ୍ରତ ବେହେରା, ଭାପୁର ବ୍ଲକ୍ ବାଙ୍କ ବିହାରୀ ଧଳ, ଦଶପଲ୍ଲା ବ୍ଲକ୍ ବୁଲୁ ପରିଡ଼ା, ନୂଆଗାଁ ବ୍ଲକ ଅଶୋକ କୁମାର ନାୟକ, ଗଣିଆ ବ୍ଲକ କାଶୀନାଥ ନାୟକ, ଦଶପଲ୍ଲା ଟାଉନ ପାଇଁ ଆଇନଜୀବୀ ବିନୋଦ ବିହାରୀ ମିଶ୍ର ମନୋନୀତ ହୋଇଛନ୍ତି।

# ବଳିତର ଘାଟରେ ହୁଲିଡଙ୍ଗା ଭରସା

**ରାଜକନିକା,୯।୩(ଡି.ଏନ.ଏ.)**


ଖରସ୍ରୋତା ନଦୀ।

- ଦୀର୍ଘଦିନର ଦାବି ପୂରଣ ହେଲା ନାହିଁ
- ସ୍ୱପ୍ନ ହୋଇ ରହିଲା ପୋଲ ନିର୍ମାଣ

କେନ୍ଦ୍ରପଡ଼ା ଜିଲା ରାଜକନିକା ବ୍ଲକ ଅଧୀନ ପାରି ନୂଆପଡା ପଞ୍ଚାୟତ ବଳିତର ଘାଟରୁ ପାରି ହେବା ପାଇଁ ହୁଲିଡଙ୍ଗା ହିଁ ଏକମାତ୍ର ଭରସା । ସେହି ଘାଟରୁ ଆଳି ଅଞ୍ଚଳକୁ ଯିବା ପାଇଁ ଖରସ୍ରୋତା ନଦୀ ପ୍ରତିବନ୍ଧକ ସାଜିଛି । ସେଥିପାଇଁ ସେଠାରେ ଏକ ପୋଲ ନିର୍ମାଣ ପାଇଁ ବହୁ ବର୍ଷ ଧରି ଦାବି ହୋଇଆସୁଛି । ହେଲେ ଆଜି ପର୍ଯ୍ୟନ୍ତ ପୋଲ ନିର୍ମାଣ ହୋଇ ନାହିଁ ।

ପ୍ରତିଦିନ ବଳିତର ଘାଟର ଚରପଡାଠାରୁ କଣ୍ଠିଆ, ଦେଉଳତରା, ନମତରା, ପଣସଗଣ୍ଡ, ପଧାନପଡା, କଇଥାପାଳ ଓ ପାରିନୂଆପଡା ଅଞ୍ଚଳର ହଜାରରୁ ଊର୍ଦ୍ଧ୍ୱ ଲୋକ ଘାଟପାରି ହୋଇ କଟକ, ଭୁବନେଶ୍ୱର, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା ବସ୍ ଧରିଥାନ୍ତି । ସେହିପରି ଶତାଧିକ ଛାତ୍ରୀଛାତ୍ର ଆଳି, ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡା ଆଦି କଲେଜକୁ ଯାଇଥାନ୍ତି। ବନ୍ୟା ସମୟରେ ଖରସ୍ରୋତା ନଦୀ ଫୁଲି ଉଠେ । ନଦୀର ଭୟଙ୍କର ରୂପରେ ଲୋକେ ଆତଙ୍କିତ ହୁଅନ୍ତି । ସେଠାରେ ଏକ ପୋଲ ନିର୍ମାଣ ପାଇଁ ବିଜୁସେତୁ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୬୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା । ନୂଆଦିଲ୍ଲୀର ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଏହି କାମ ନେଇ କୋଲକାତାର ଜଣେ ଠିକାଦାରଙ୍କୁ ଦେଇଥିଲା । ହେଲେ ସମ୍ପୃକ୍ତ କମ୍ପାନୀ କାମ ଲାଗି ପ୍ରସ୍ତୁତ ହେଉଥିବା ବେଳେ ଯାଜପୁର ଅଞ୍ଚଳରୁ ଧାମରାକୁ ସେହି ପଥ ଦେଇ ଖଣିଜ ପଦାର୍ଥ ପରିବହନ ପାଇଁ କେନ୍ଦ୍ର ସରକାର ସ୍ଥିର କଲେ । ତେଣୁ ସେଠାରେ ଜାହାଜ ଚଳାଚଳ ପାଇଁ ଏକ ଗୋଲେଇ ପୋଲ କରିବାକୁ ସ୍ଥିର କରାଗଲା । ଫଳରେ ସେହି ପୋଲର ଅଟକଳ ଦିନକୁ ଦିନ ବୃଦ୍ଧି ପାଇ ବର୍ତ୍ତମାନ ୧୦୮ କୋଟିରେ ପହଞ୍ଚିଛି । ସେହି ଅର୍ଥରାଶି କେନ୍ଦ୍ର ସରକାରଙ୍କ ମଞ୍ଜୁର ପାଇଁ ରାଜ୍ୟ ସରକାର ବର୍ଷକ ତଳେ ଫାଇଲ ପଠାଇ ଥିଲେ । ହେଲେ ଆଜି ପର୍ଯ୍ୟନ୍ତ ତାହା ମଞ୍ଜୁର ହୋଇପାରି ନାହିଁ । କେନ୍ଦ୍ର ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ସେହି ଫାଇଲ ତଳେ ଚାପି ହୋଇ ରହିଛି। କେବେ ପୋଲ ନିର୍ମାଣ ଆରମ୍ଭ ହେବ ସେ ନେଇ କୌଣସି ସ୍ୱଷ୍ଟ ସୂଚନା ମିଳିନାହିଁ । ଅପରପକ୍ଷେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହିଁ ପୋଲ ନିର୍ମାଣରେ ବାଧକ ସାଜିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ରାଜ୍ୟସରକାର ଖରସ୍ରୋତା ନଦୀ ଉପରେ ପୋଲ ନିର୍ମାଣ କରନ୍ତୁ ବୋଲି ସାମାଜିକକର୍ମୀ ଡ. ଗୋପାଳକୃଷ୍ଣ ପରିଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପରମେଶ୍ୱର ବିଶ୍ୱାଳ, ବିରଞ୍ଚି ନାରାୟଣ ରାଉତ, ରାହାସ ବିହାରୀ ପରିଡା, ଗାୟତ୍ରୀ ଦାସ, ଶ୍ରୀନିବାସ ପରିଡା, ରବି ରାଉତ ଓ ପ୍ରଭାତ ରାଉତ ପ୍ରମୁଖ ଦାବି କରିଛନ୍ତି ।

# ଏଚ୍‌ପିସିଏଲ୍ ଆଗରେ ୟୁନିୟନର ଧାରଣା

**ପାରାଦୀପ, ୯।୩(ସ୍ୱ.ପ୍ର.)**

ପାରାଦୀପ ବାଉରିଆପାଳନ୍ଦାସ୍ଥିତ ଏଚ୍‌ପିସିଏଲ୍ (ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍) ଟର୍ମିନାଲ ଆଗରେ ୭ ଦଫା ଦାବିରେ ପାରାଦୀପ ପୋର୍ଟ କନଷ୍ଟ୍ରକ୍ସନ ମଜଦୁର ସଂଘ ନାମକ ୟୁନିୟନ ପକ୍ଷରୁ ମଙ୍ଗଳବାର ୨ ଘଣ୍ଟିଆ ଧାରଣା ଦିଆଯାଇଥିଲା । ଟର୍ମିନାଲ କର୍ତ୍ତୃପକ୍ଷ ଏସବୁ ଦାବି ପୂରଣ କରିବାକୁ ୟୁନିୟନ ପକ୍ଷରୁ ପରେଶ ମୁର୍ମୁ, ଅଜିତ ଦାସ ପ୍ରମୁଖ କହିଛନ୍ତି। ଏହି ଦାବିଗୁଡ଼ିକ ମଧ୍ୟରେ ଟ୍ୟାଙ୍କର ଡ୍ରାଇଭର ଓ ହେଲପରଙ୍କୁ ପୂର୍ବରୁ ଦିଆଯାଉଥିବା ୩୦ ଲିଟର ତେଲ ଦିଆଯାଉ, ସେମାନଙ୍କ ବିଶ୍ରାମ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ଆଦି ପ୍ରମୁଖ ରହିଛି। ଏ ସମ୍ପର୍କରେ ଏଚ୍‌ପିସିଏଲ ଟର୍ମିନାଲ ମ୍ୟାନେଜର ବେଣୁଧର ସେଠୀ କୁହନ୍ତି, ସେମାନଙ୍କ ଦାବି ସମ୍ପୂର୍ଣ୍ଣ ଅବାସ୍ତବ ଓ ଅମୂଳକ। ଏକ ରାଷ୍ଟ୍ରାୟତ୍ତ ସଂସ୍ଥା କୌଣସି ନିୟମ ବିରୋଧୀ କାମ କରିପାରିବ ନାହିଁ।


ଧରଣାରତ ୟୁନିୟନର ସଦସ୍ୟମାନେ।

# ଡାକ୍ତର ପଦବୀ ପୂରଣ ପାଇଁ ରାସ୍ତାରୋକୋ

**ବାଲିକୁଦା,୯।୩(ସ୍ୱପ୍ର)**

ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ପଦବୀ ପୂରଣ ପାଇଁ ବାଲିକୁଦା ମୁଖ୍ୟ ବଜାରରେ ମଙ୍ଗଳବାର ରାସ୍ତାରୋକୋ କରାଯିବା ସହ ଧାରଣା ଦିଆଯାଇଥିଲା ସ୍ଥାନୀୟ ଯୁବଗୋଷ୍ଠୀ ଓ ବହୁ ମହିଳା ଏଥିରେ ସାମିଲ ହୋଇଥିଲେ। ରାସ୍ତାରୋକୋ ଯୋଗୁ ୨ ଘଣ୍ଟା ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବାଲିକୁଦା ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁ, ଏସ୍‌ଡିପିଓ ପ୍ରିୟରଞ୍ଜନ ଶତପଥୀ, ଜିଲା ମ୍ୟାଲେରିଆ ଅଧିକାରୀ ଡା. କ୍ଷେତ୍ରବାସୀ ଦାସ, ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ହିମାଂଶୁ ଶେଖର ସାହୁ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ମାସେ ମଧ୍ୟରେ ଏହି ପଦବୀ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ଧାରଣା ହଟି ଥିଲା। ପରେ


ରାସ୍ତାରୋକୋରେ ସାମିଲ ମହିଳାପୁରୁଷମାନେ।

ବାଲିକୁଦା ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟାଳୟରେ ଆନ୍ଦୋଳନକାରୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଏଡିଏମ୍‌ଓ (ମେଡିକାଲ) ଡା. ଅଜୟ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଡେପୁଟେଶନରେ ଆସିଥିବା ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ଡାକ୍ତର ସପ୍ତାହରେ ୩ ଦିନ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ଯୋଗାଇ ଦେବାକୁ ସ୍ଥିର ହୋଇଥିଲା। ଖୁବ୍‌ଶୀଘ୍ର ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ସ୍ୱାଇଁ କହିଥିଲେ। ଏହି ଧାରଣାରେ ସୁରେନ୍ଦ୍ର ବିଶ୍ୱାଳ, ରାଜକିଶୋର ସାହୁ, ବିଜୟ କୁମାର ସ୍ୱାଇଁ, ସୁଶାନ୍ତ ମଲ୍ଲିକ, ଇପୁନା ବିଶ୍ୱାଳ, ସାଜିଦ୍ ଖାଁ, କାର୍ତ୍ତିକ ଗୋଚ୍ଛାୟତ, ସତ୍ୟ ସୁନ୍ଦର ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

# ପାରାଦୀପରେ ପ୍ରଦୂଷଣ ରୋକିବାକୁ ବୈଠକ

**ପାରାଦୀପ, ୯।୩(ସ୍ୱ.ପ୍ର.)**

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜିଲା ପ୍ରଶାସନ, ସମସ୍ତ ଶିଳ୍ପସଂସ୍ଥା ଓ ସ୍ୱେଚ୍ଛାସେବୀ ସଙ୍ଗଠନକୁ ନେଇ ମଙ୍ଗଳବାର ଦ୍ୱିତୀୟ ପରିବେଶ କମିଟି ସମୀକ୍ଷା ବୈଠକ ୨ ବର୍ଷ ପରେ ଅନୁଷ୍ଠିତ ହୋଇଛି। ପାରାଦୀପ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ଏହା ବସିଥିଲା। ପାରାଦୀପରେ ହେଉଥିବା ପ୍ରଦୂଷଣକୁ ରୋକିବାକୁ ଆଲୋଚନା ହୋଇଥିଲା। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଅଧକ୍ଷତା କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ, ଏଏସ୍‌ପି, ଆଞ୍ଚଳିକ ଅଧିକାରୀ ଦିଲୀପ ଦାସ, ପାରାଦୀପ ବନ୍ଦର, ତୈଳ ବିଶୋଧନାଗାର ଓ ଅନ୍ୟ ଶିଳ୍ପସଂସ୍ଥାର ପ୍ରତିନିଧି ଯୋଗଦେଇଥିଲେ। ଏଥିରେ ପରିବେଶ ସନ୍ତୁଳନ ପାଇଁ ପଦକ୍ଷେପ ନେବା ଉପରେ ଆଲୋଚନା ହୋଇଥିଲା ବୋଲି ନାଗରିକ ମଞ୍ଚ ସଭାପତି ଅୟସକାନ୍ତ ରାୟ କହିଛନ୍ତି।

# ଚେନ୍ନାଇରାଧା କମ୍ପାନୀ–ଯନ୍ତ୍ରୀ ସଂଘ ମଧ୍ୟରେ ବିବାଦ

**ପାରାଦୀପ, ୯।୩(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ଭିତରେ ଠିକାସଂସ୍ଥା ଭାବେ କାମ କରୁଥିବା ଚେନ୍ନାଇରାଧା ଇଞ୍ଜିନିୟରିଂ ୱାର୍କସ୍ ପ୍ରାଇଭେଟ ଲିମିଟେଡ କମ୍ପାନୀ ଓ ପାରାଦୀପ ଅନଏମ୍ପଲଏଡ ଇଞ୍ଜିନିୟରର୍ସ ଆସୋସିଏଶନ ମଧ୍ୟରେ ସପ୍ତାହେ ହେଲା ବିବାଦ ସୃଷ୍ଟି ହୋଇଛି। ଚେନ୍ନାଇରାଧା କମ୍ପାନୀ ଏ ସମ୍ପର୍କରେ ପାରାଦୀପ ମେରାଇନ ଥାନାରେ ଅଭିଯୋଗ ୨ ତାରିଖରେ କରିଥିଲା। ପୋଲିସ ମଙ୍ଗଳବାର ସୁଦ୍ଧା ମାମଲା ରୁଜୁ କରିନାହିଁ। ଅପରପକ୍ଷେ ଇଞ୍ଜିନିୟରର୍ସ ସଂଘ ସୋମବାର ଖବରଦାତା ସମ୍ମିଳନୀ କରି କମ୍ପାନୀ ପରିଚାଳକ ହୃଷୀକେଶ ମଣ୍ଡଳଙ୍କ ନାଁରେ ଅଭିଯୋଗ କରିଛନ୍ତି। ସଂଘର ସଭାପତି ଗୌତମ ପ୍ରସାଦ ମିଶ୍ର ଓ ସମ୍ପାଦକ ସୟେଦ୍ ଅଫଜଲ ଅଲ୍ଲୀ କହିଛନ୍ତି, କମ୍ପାନୀକୁ ସଂଘ ପକ୍ଷରୁ ୨୦୧୯ ମେ ୩୦ରେ ଚିଠି ଯୋଗେ ଅନୁରୋଧ କରିଥିଲୁ କେତେଜଣ ବେକାରୀଙ୍କୁ ନିଯୁକ୍ତି ପାଇଁ। ଏହି ଆଧାରରେ କମ୍ପାନୀ ମ୍ୟାନେଜର ମଣ୍ଡଳ ଆମ ସହ ଆଲୋଚନା କରି ୧୭ ଯନ୍ତ୍ରୀ ଓ ୧୦ ଜଣ ହାଉସକିପର ରଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ୧୨ ଜଣଙ୍କୁ ନିଯୁକ୍ତି ଦେଇଥିଲେ। ଅବଶିଷ୍ଟ ଲୋକଙ୍କ ନିଯୁକ୍ତି ପାଇଁ ୨୦୧୯ ନଭେମ୍ବର ୨୧ରୁ ଏକାଧିକ ଚିଠି ଦେବା ପରେ ମଧ୍ୟ କୌଣସି ସହଯୋଗ କରି ନ ଥିଲେ। ଏବେ ଆମ୍ଭ ସଙ୍ଗଠନ ନାଁରେ ମିଥ୍ୟା ଅଭିଯୋଗ ଥାନାରେ କରିଛନ୍ତି। ଏହା ବିରୋଧରେ ଆମେ ଆନ୍ଦୋଳନ କରିବୁ। ଏ ସମ୍ପର୍କରେ ଚେନ୍ନାଇରାଧା କମ୍ପାନୀର ମ୍ୟାନେଜର ମଣ୍ଡଳଙ୍କୁ ପଚାରିବାରେ ସଙ୍ଗଠନର ନେତୃତ୍ୱଙ୍କ ଅନୁରୋଧ ଉପରେ ଆମେ ୧୨ ଜଣଙ୍କୁ ରଖିଛୁ। ଏବେ ଆବଶ୍ୟକ ନାହିଁ। ଅଲଗା ସଙ୍ଗଠନ ପକ୍ଷରୁ ମଧ୍ୟ ଏଭଳି ଅନେକ ଆବେଦନ ଆସିଛି। ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରଦ୍ୟୁମ୍ନ ବେହେରାଙ୍କୁ ପଚାରିବାରେ ଉଭୟପକ୍ଷ ଆଲୋଚନା ମାଧ୍ୟମରେ ବିବାଦ ସମାଧାନ କରିବାକୁ କହିବାରୁ ମାମଲା ରୁଜୁ ହୋଇ ନ ଥିଲା। ଏବେ ବିବାଦ ସୃଷ୍ଟି କଲେଣି। ପୋଲିସ ଆଇନଗତ ପଦକ୍ଷେପ ନେବ। ସୂଚନାଯୋଗ୍ୟ, ପାରାଦୀପ ବନ୍ଦରଠାରୁ ପିପିପି ବେଶ୍‌ରେ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ କାମ ନେଇଛି। ଜେଏସ୍‌ଡବ୍ଲ୍ୟୁଠାରୁ ଚେନ୍ନାଇରାଧା କମ୍ପାନୀ କାମ ପାଇଛି।

# ୨୩୫ ପୁରାତନ ଛାତ୍ର ପାଇଲେ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାପତ୍ର

**ମୋ ସ୍କୁଲ ଅଭିଯାନର ସ୍ୱତନ୍ତ୍ର ଦଳଙ୍କ ଜଗତ୍‌ସିଂହପୁର ଗସ୍ତ**

**ଜଗତ୍‌ସିଂହପୁର ଅଫିସ, ୯।୩**

ରାଜ୍ୟ ସରକାରଙ୍କ 'ମୋ ସ୍କୁଲ ଅଭିଯାନ'ର ଏକ ସ୍ୱତନ୍ତ୍ର ଦଳ ମଙ୍ଗଳବାର ଜଗତ୍‌ସିଂହପୁର ଜିଲା ଗସ୍ତରେ ଆସି ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଦଳ ରଘୁନାଥପୁର ବ୍ଲକ ଅନ୍ତର୍ଗତ ହରିକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟପ୍ରକାଶ ଇଭି ଶିକ୍ଷା ନିକେତନ, ଜଗତ୍‌ସିଂହପୁର ବ୍ଲକ ବେନୁବାବା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବାଲିକୁଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ୪ ବିଦ୍ୟାଳୟର ୨୩୫ ଜଣ ପୁରାତନ ଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ସେଥିରେ ହରିକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ୧୨୨, ଜୟପ୍ରକାଶ ଇଭି ଶିକ୍ଷା ନିକେତନର ୫୩, ବେନୁବାବା ସରକାରୀ ଉଚ୍ଚ ବିଦ୍ୟାଳୟର ୧୬ ଓ ବାଲିକୁଦା ସରକାରୀ ଉଚ୍ଚ ବିଦ୍ୟାଳୟର ୪୪ ଜଣ ପୁରାତନ ଛାତ୍ର ରହିଛନ୍ତି । ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଲାଗି ସେମାନଙ୍କ ସହଯୋଗ ଯୋଗୁ ସମ୍ମାନିତ କରାଯାଇଥିବା ମୋ ସ୍କୁଲର ପ୍ରକଳ୍ପ ଅଧିକାରୀ ହିମାଂଶୁ ଭୂଷଣ ଓଝା କହିଛନ୍ତି । ଏହି ଦଳ ବିଦ୍ୟାଳୟଗୁଡିକ ପରିଦର୍ଶନ କରିବା ସମୟରେ ସେଠାରେ ଅଭିଯାନ ଅଧୀନରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ କିପରି ବିଶେଷ ଭାବରେ ଉପକୃତ ହୋଇପାରିବେ ତା'ଉପରେ ଗୁରୁତ୍ୱାରୋପ ହୋଇଥିଲା। ବାଲିକୁଦା ଉଚ୍ଚ ବିଦ୍ୟାଳୟର ସୌରଶକ୍ତି ପରିଚାଳିତ ବ୍ୟବସ୍ଥାକୁ ଏହି ଦଳ ପ୍ରଶଂସା କରିଥିଲେ। ରାଜ୍ୟର ସରକାରୀ ବିଦ୍ୟାଳୟର ବିକାଶ ପାଇଁ ପୁରାତନ ଛାତ୍ରୀଛାତ୍ରମାନେ ଏହା ଭିତରେ ୮୦ କୋଟିରୁ ଅଧିକ ଟଙ୍କା ଦେବା ସହ ବିଭିନ୍ନ ମାଧ୍ୟମରେ ସେବା ଯୋଗାଇ ଚାଲିଛନ୍ତି। ଏହି ଅଭିଯାନରେ ସାମିଲ ହୋଇଥିବା ଲକ୍ଷାଧିକ ପୁରାତନ ଛାତ୍ର ଓ ଜନସାଧାରଣଙ୍କୁ ଏହି ପ୍ରଶଂସାପତ୍ର ପ୍ରଦାନ କରାଯିବ ବୋଲି ସ୍ୱତନ୍ତ୍ର ଦଳ ପକ୍ଷରୁ କୁହାଯାଇଛି।

# ଯୋଜନାର ସଫଳତା ଭିନ୍ନକ୍ଷମଙ୍କ ଉନ୍ନତି ଆଣିବ

**କେନ୍ଦ୍ରାପଡା ଅଫିସ/ଡେରାବିଶ, ୯।୩ (ସ୍ୱ.ପ୍ର.)**

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଭିନ୍ନକ୍ଷମଙ୍କ ସୁରକ୍ଷିତ ଜୀବନ ପାଇଁ ବିଭିନ୍ନ ଯୋଜନା ସହ ଆଇନ ପ୍ରଣୟନ କରିଛନ୍ତି। ଏମାନଙ୍କ ଚିହ୍ନଟ ସହ ଯୋଜନାକୁ କାର୍ଯ୍ୟକାରୀ କଲେ ଭିନ୍ନକ୍ଷମମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ ବୋଲି ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ସୁଲୋଚନା ଦାସ ମଙ୍ଗଳବାର କହିଛନ୍ତି। ସହରର ଟାଉନ ହଲଠାରେ ଜିଲା ଭିନ୍ନକ୍ଷମ ସଶକ୍ତୀକରଣ ଓ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭିନ୍ନକ୍ଷମଙ୍କ ଅଧିକାର ଅଧିନିୟମ ଓ ଯୋଜନା ସମ୍ପର୍କିତ ସଚେତନତା ଆଲୋଚନାଚକ୍ର ହୋଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଦାସ ଯୋଗଦେଇଥିଲେ। ସେ କହିଥିଲେ, ସାମ୍ପ୍ରତିକ ସମୟରେ କେହି ଅକ୍ଷମ ନୁହନ୍ତି। ଉପଯୁକ୍ତ ଶିକ୍ଷା ଓ ପରିବେଶ ମିଳିଲେ ଭିନ୍ନକ୍ଷମ ନିଜର କାର୍ଯ୍ୟଦକ୍ଷତା ପ୍ରତିପାଦିତ କରିପାରିବେ।


ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ସୁଲୋଚନା ଦାସ ଡେରାବିଶିରେ ଟ୍ରାଇ ସାଇକେଲ ବାଣ୍ଟୁଛନ୍ତି।

ଏଥିରେ ଏଡିଏମ୍ ବସନ୍ତ କୁମାର ରାଉତ ଯୋଗଦେଇ କେନ୍ଦ୍ରାପଡ଼ା ଜିଲାରେ ବିଭିନ୍ନ ଭିନ୍ନକ୍ଷମ ଯୋଜନା ପ୍ରଣୟନରେ ଶତକଡା ୯୮ ପ୍ରତିଶତ ଲକ୍ଷ୍ୟ ହାସଲ କରିଥିବା କହିଥିଲେ। ସିଡିଏମ୍‌ଓ ଭିନ୍ନକ୍ଷମଙ୍କ ପ୍ରମାଣପତ୍ର ପ୍ରଦାନ ଓ ଚିକିତ୍ସା ସେବା କ୍ଷେତ୍ରରେ ବିଭାଗୀୟ କୃତିତ୍ୱକୁ ଉଲ୍ଲେଖ କରିଥିଲେ। ଏହି ଅବସରରେ କେତେଜଣ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ସେହିପରି ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ବିଡିଓ ଗୋପବନ୍ଧୁ ଭୋସାଗରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆୟୁକ୍ତ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ୨୬ ପଞ୍ଚାୟତର ୫୬ ଭିନ୍ନକ୍ଷମଙ୍କୁ ସହାୟକ ଉପକରଣ ପ୍ରଦାନ କରିଥିଲେ। ପ୍ରତ୍ୟେକ ଭିନ୍ନକ୍ଷମ ନିଜକୁ ଅସହାୟ ନ ଭାବି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ସଂକଳ୍ପ ନିଅନ୍ତୁ ବୋଲି ଦାସ କହିଥିଲେ। ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମି ଦେବୀ ଓ ଏବିଡିଓ ଭଞ୍ଜ କିଶୋର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ବନ୍ଧୁକ ଦେଖାଇ ଲୁଟ୍ ଉଦ୍ୟମ: ଜଣେ ଗିରଫ

**ଧର୍ମଶାଳା,୯।୩(ଡି.ଏନ.ଏ.):** ଧର୍ମଶାଳା ଥାନା ଅଚ୍ୟୁତପୁର ଛକ ନିକଟରେ ବନ୍ଧୁକ ଦେଖାଇ ଯାତ୍ରୀଙ୍କୁ ଲୁଟ୍ ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ଯୁବକ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ସ୍ଥାନୀୟ ଅଚ୍ୟୁତପୁର ଗ୍ରାମର ବ୍ରିଜେଶ ପ୍ରଧାନ ଓରଫ ବଣ୍ଟି(୨୧)ବୋଲି ଜଣାପଡ଼ିଛି। ସୋମବାର ରାତି ପ୍ରାୟ ୯ଟାରେ ପୋଲିସ ପାଟ୍ରୋଲିଂରେ ଯାଉଥିବା ବେଳେ ଶାନ୍ତି ବଜାର–କାଏମା ରାସ୍ତାର ଅଚ୍ୟୁତପୁର ଛକରେ ୩ଜଣ ଯୁବକ ବନ୍ଧୁକ ଦେଖାଇ ଯାତ୍ରୀଙ୍କଠାରୁ ଲୁଟ ଉଦ୍ୟମ କରୁଥିବା ଦେଖିବାକୁ ପାଇଥିଲା। ତେଣୁ ପୋଲିସ ବ୍ରିଜେଶଙ୍କୁ କାବୁ କରିବା ସହିତ ତାଙ୍କଠାରୁ ବନ୍ଧୁକ ଜବତ କରିଥିଲା। ଅନ୍ୟ ୨ଜଣ ଚମ୍ପଟ ମାରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୨୩।୨୧)ରୁଜୁ କରିଥିବା ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

# ବିଧାୟକ, ବ୍ଲକ୍ ଅଧକ୍ଷଙ୍କ ମଧ୍ୟରେ କଥା କଟାକଟି

**ଖଣ୍ଡପଡ଼ା ପଞ୍ଚାୟତ ସମିତି ବୈଠକ**

**ଖଣ୍ଡପଡ଼ା,୯।୩(ସ୍ୱ.ପ୍ର.)**

ଖଣ୍ଡପଡ଼ା ପଞ୍ଚାୟତ ସମିତି ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ମନୋଜ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ବ୍ଲକ ପ୍ରଶାସନ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଯୋଗ ଦେଇଥିଲେ। ବିବାଦ ଓ କଥା କଟାକଟିରେ ବୈଠକ ଶେଷ ହୋଇଥିଲା। ଖଣ୍ଡପଡ଼ା ବ୍ଲକ ଅଧୀନ ଗୁଣ୍ଠୁଣି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ମଞ୍ଜୁର ୧୦ଲକ୍ଷ ଟଙ୍କାର କାମକୁ ନେଇ ବୈଠକରେ ବିବାଦର ସୂତ୍ରପାତ ହୋଇଥିଲା। ଗୁଣ୍ଠୁଣି ସମିତିସଭ୍ୟ, ସ୍ଥାନୀୟ ସରପଞ୍ଚଙ୍କୁ ଉପେକ୍ଷା କରି ବିଧାୟକଙ୍କ ସୁପାରିଶକ୍ରମେ ଗଡ଼ିଆସାହି ଗାଁର ଜଣେ ବ୍ୟକ୍ତିଙ୍କୁ ବିଡିଓ କିଭଳି ନିର୍ମାଣ ଦାୟିତ୍ୱ ଦେଲେ ସେ ସମ୍ପର୍କରେ ପଚରା ଯାଇଥିଲା। ବ୍ଲକ ଅଧକ୍ଷ ଆଲୋଚନାରେ ଅଂଶଗ୍ରହଣ କରି ଏହାକୁ ବିରୋଧ କରିଥିଲେ। ଫଳରେ ବିଧାୟକ ଓ ବ୍ଲକ ଅଧକ୍ଷଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ବୈଠକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ନିଷ୍ପତ୍ତି ନିଆଯାଉଥିଲା। ପରବର୍ତ୍ତୀ ସମୟରେ ତାହା କାର୍ଯ୍ୟକାରୀ ହେଉ ନ ଥିବା ନେଇ ସମିତିସଭ୍ୟ ବିଜୟ କୁମାର ନନ୍ଦ ପ୍ରଶ୍ନ କରିଥିଲେ। ଗଡ଼ିଆସାହି ସରପଞ୍ଚ ବିପିନ ସାମଲ ଭତ୍ତା ପାଉଥିବା କେତେଜଣ ହିତାଧିକାରୀଙ୍କ ନାମ ପ୍ରଶାସନ ବାଦ ଦେଇଥିବା ନେଇ ପ୍ରଶ୍ନ କରିଥିଲେ। ବିଡିଓଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଲୋକ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ବିଡ଼ିଓ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସଲାସୁତ୍ରରେ ଉନ୍ନୟନ କାର୍ଯ୍ୟ ଚାଲିଛି । ସେଥିପାଇଁ ସେହି କାମରେ ଅନିୟମିତତା ହେଉଥିବା ଲୋକପ୍ରତିନିଧି ଅଭିଯୋଗ ଉଠାଇ ପାଟିତୁଣ୍ଡ କରିଥିଲେ ।



ପଞ୍ଚାୟତ ସମିତି ବୈଠକରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ ।

# ସରିଲା ଟୋକନ ଅବଧି: ଚାଷୀଙ୍କ ଧାରଣା

**ରାଜନଗର, ୯।୩ (ଡି.ଏନ.ଏ.)**

ରାଜନଗର ବ୍ଲକର ଚାଷୀମାନେ ଅଭାବୀ ଧାନ ବିକ୍ରିର ଶିକାର ହୋଇଛନ୍ତି। ଅମଳ ଧାନକୁ ସରକାରୀ ଦରରେ ବିକ୍ରି କରିବାରେ ଚାଷୀ ଅସମର୍ଥ ହୋଇଛନ୍ତି। ମଣ୍ଡିରେ ଧାନ ଧରି ଦିନକୁଦିନ ବିକ୍ରି କରିବାକୁ ଅପେକ୍ଷା କରିବା ଚାଷୀମାନେ ହତାଶ ହୋଇ ପଡିଛନ୍ତି। ସରକାରଙ୍କ ଦିନ ଧାର୍ଯ୍ୟ ଟୋକନ ଅବଧିର ତାରିଖ ଶେଷ ହୋଇଯାଇଥିଲେ ବି ଚାଷୀ ମୁଠାଏ ଧାନ ବିକ୍ରି କରିନାହାନ୍ତି। ମଙ୍ଗଳବାର ଉତ୍ତ୍ୟକ୍ତ ଚାଷୀ ନ୍ୟାୟ ପାଇଁ ସେବା ସମବାୟ ସମିତି ସମ୍ମୁଖରେ ଧାରଣାରେ ବସିଛନ୍ତି।

୪୦ରୁ ଊର୍ଦ୍ଧ୍ୱ ଚାଷୀ କ୍ଷୀରୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବଡନାଉକୋଣା ସେବା ସମବାୟ ସମିତି ସମ୍ମୁଖରେ ଧାରଣାରେ ବସିଥିଲେ। ଧାରଣାରେ ବସିଥିବା ଗୋବର୍ଦ୍ଧନପୁର ଗାଁର ଗୋଲେଖ ସେଠୀ କହିଛନ୍ତି। ଏ ବର୍ଷ ସମିତିରୁ ଋଣ କରି ୧୦ ଏକର ଜମିରେ ଧାନ ଚାଷ କରିଥିଲି। ଅମଳ ଧାନକୁ ବିକିବାକୁ ଅନ୍‌ଲାଇନରେ ରେଜିଷ୍ଟ୍ରେଶନ କରିଥିଲି। ସମିତିକୁ ବିକ୍ରି ପାଇଁ ଧାନ ଆଣିଥିଲି। ଫେବୃୟାରୀ ୩ରେ ୪୦ କୁଇଣ୍ଟାଲ, ୫ ତାରିଖରେ ୪୦ କୁଇଣ୍ଟାଲ ଓ ୬ ତାରିଖରେ ୪୦ କୁଇଣ୍ଟାଲ ଧାନ ଦେବାକୁ ମୋବାଇଲକୁ ମ୍ୟାସେଜ ଆସିଥିଲା। ମ୍ୟାସେଜ ପାଇବା ପରେ ସେବା ସମବାୟ ସମିତିର ସମ୍ପାଦକଙ୍କୁ ଦେଖାକରିଥିଲି। କିନ୍ତୁ ଟାର୍ଗେଟ ନାହିଁ, ଟାର୍ଗେଟ ଆସିଲେ ଧାନ ନେବେ ବୋଲି ସମ୍ପାଦକ କହିବାରୁ ହତାଶ ହୋଇପଡିଛି। ସରକାରୀ ଦରରେ ଯଦି ଧାନ ବିକ୍ରି ନ ହୁଏ ସେବା ସମବାୟ ସମିତିର ଋଣ ଓ ଗାଁ ସାହୁକାରଙ୍କଠାରୁ କରିଥିବା କରଜ କିପରି ଶୁଝିବି ବୋଲି ସେ କହିଛନ୍ତି। ବ୍ଲକର ଶତାଧିକ ଚାଷୀ ସରକାରୀ ଦରରେ ଧାନ ବିକ୍ରିକରି ପାରୁନାହାନ୍ତି। ଏ ସମ୍ପର୍କରେ ସେବା ସମବାୟ ସମିତିର ସମ୍ପାଦକ କ୍ଷେତ୍ରବାସୀ ରାଉତଙ୍କୁ ପଚାରିବାରୁ ୧୮୯ଜଣ ଚାଷୀ ଧାନ ଦେବାକୁ ରେଜିଷ୍ଟ୍ରେଶନ କରିଥିଲେ। ମଙ୍ଗଳବାର ସୁଦ୍ଧା ୯୯ଜଣ ଚାଷୀ ୬,୯୮୧ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ୩ଦିନ ତଳେ ମାତ୍ର ୨ଶହ କୁଇଣ୍ଟାଲ ଟାର୍ଗେଟ ଆସିଥିଲା। ସିରିୟଲ ଅନୁଯାୟୀ ଧାନ ନେଉଛୁ। ଫେବୃୟାରୀ ୭ ଯାଏ ଆସିଥିବା ଟୋକନର ଧାନ ଉଠାଯାଇଛି। ସରକାର ଟାର୍ଗେଟ ଦେଉ ନ ଥିବାରୁ ଧାନ ଉଠିପାରୁନି ବୋଲି ସେ କହିଛନ୍ତି।


ବଡନାଉକୋଣା ସେବା ସମବାୟ ସମିତି ଆଗରେ ଧାରଣା ଦେଇଥିବା ଚାଷୀମାନେ।

